# ଭାରତୀୟ ରିଜର୍ଭ ବ୍ୟାଙ୍କ
# ମୁଦ୍ରା ପରିଚାଳନା ବିଭାଗ

## ନାଗରିକଙ୍କ ଅଧିକାର

### 1. ନାଗରିକ ଅଧିକାରର ଲକ୍ଷ୍ୟ

ଏହି ନାଗରିକ ଅଧିକାର ପତ୍ରରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ନୋଟ୍ ଓ କଏନ୍ ବିନିମୟ ଭଳି ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ଓ ରିଜର୍ଭ ବ୍ୟାଙ୍କ ଇସ୍ୟୁ କାର୍ଯ୍ୟାଳୟ ଓ ସ୍ୱୀକୃତି ପ୍ରାପ୍ତ ଶାଖାରେ ପ୍ରଦାନ କରାଯାଉଥିବା ସାଧାରଣ ମାନର ସେବା ବିଷୟରେ ସୂଚନା ପ୍ରଦାନ କରାଯାଇଛି ।

### 2. ଆରବିଆଇ ଇସ୍ୟୁ କାର୍ଯ୍ୟାଳୟରେ ଉପଲବ୍ଧ ସେବା

ଆରବିଆଇ କାର୍ଯ୍ୟାଳୟ ଯେଉଁଠାରେ ଇସ୍ୟୁ ବିଭାଗ କାର୍ଯ୍ୟ କରୁଛି, ସାଧାରଣ ଲୋକମାନଙ୍କୁ ଫଟା ଓ ଦଦରା ନୋଟ୍ ଓ ଅଚଳ ତଥା ନଷ୍ଟ ହୋଇଥିବା କଏନ ବିନିମୟ ସୁବିଧା ପ୍ରଦାନ କରୁଛି । ସାଧାରଣ କାର୍ଯ୍ୟ ଦିବସରେ ଆରବିଆଇ ଇସ୍ୟୁ କାର୍ଯ୍ୟାଳୟରେ ବ୍ୟାଙ୍କ ମାଗଣାରେ ବିନିମୟ ସୁବିଧା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ।

### 3. ବିନିମୟ ସେବା ଯୋଗାଇ ଦେଉଥିବା କାର୍ଯ୍ୟାଳୟ ନାମ

ଅହମ୍ମଦାବାଦ, ବାଙ୍ଗାଲୋର, ବେଲାପୁର (ନବି ମୁମ୍ବାଇ), ଭୋପାଳ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, ଗୌହାଟି, ହାଇଦ୍ରାବାଦ, ଜୟପୁର, ଜମ୍ମୁ, କାନପୁର, କୋଚି, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ନୂଆଦିଲ୍ଲୀ, ପାଟନା ଓ ଥିରୁବନ୍ତପୁରମ୍‌ରେ ଥିବା ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟରେ ଥିବା କାଉଣ୍ଟରେ ଏହି ସୁବିଧା ଉପଲବ୍ଧ । ସାରଣୀରେ ଆରବିଆଇ କାର୍ଯ୍ୟାଳୟର ଫୋନ୍ ନମ୍ବର ଓ ଠିକଣା ପ୍ରଦାନ କରାଯାଇଛି ।

### 4. ବ୍ୟାଙ୍କର ଜନସାଧାରଣ କାଉଣ୍ଟରରେ ଫଟା ଓ ଦଦରା ନୋଟ୍ ଓ କଏନ୍ ବିନିମୟ

ସାଧାରଣ ଲୋକମାନେ ବ୍ୟାଙ୍କର କାର୍ଯ୍ୟାଳୟରେ ଥିବା କାଉଣ୍ଟରରେ ଏହି ସେବା ପାଇପାରିବେ । ସେବା ହାସଲ କରିବାର ପ୍ରକ୍ରିୟା ଓ ସେବା ପାଇଁ ହେବାକୁ ଥିବା ଖର୍ଚ୍ଚ ବିଷୟରେ ସୂଚନା ଓ ଅଭିଯୋଗ ଶୁଣାଣି ନିମ୍ନରେ ପ୍ରଦାନ କରାଯାଉଛି ।

| କ୍ରମାଙ୍କ ନଂ | ପ୍ରଦାନକରାଯାଉଥିବା ସେବା | ସେବା ହାସଲର ପ୍ରକ୍ରିୟା | ସେବାର ମୂଲ୍ୟ | ସମୟ ସୀମା |
|---|---|---|---|---|
| I. | କ) ନୋଟ୍ ଓ କଏନ ବଦଳାଇବା, ଓ<br>ଖ) ଖରାପ ନୋଟ୍ କାଉଣ୍ଟରରେ ବଦଳାଇବା (କେବଳ ନୂଆ ଖଣ୍ଡେ ପାଇଁ) | ବ୍ୟାଙ୍କର ପ୍ରତି କାର୍ଯ୍ୟାଳୟରେ ଥିବା ବ୍ୟାଙ୍କ ହଲ୍‌ରେ ବିନିମୟ ସୁବିଧା ଥିବା କାଉଣ୍ଟରର ସିରିୟଲ୍ ନମ୍ବର ପ୍ରଦର୍ଶନ କରାଯାଉଛି । ସମ୍ପୃକ୍ତ କାଉଣ୍ଟର ନିକଟକୁ ଯାଆନ୍ତୁ କିମ୍ବା ସମ୍ପୃକ୍ତ କାଉଣ୍ଟର ବିଷୟରେ ଅନୁସନ୍ଧାନ କାଉଣ୍ଟରେ ପଚାରନ୍ତୁ । କିଛି ଅସୁବିଧା ହେଲେ ବ୍ୟାଙ୍କିଂ ହଲ୍‌ରେ ପ୍ରଦର୍ଶନ କରାଯାଇଥିବା ନୋଡାଲ ଅଫିସରଙ୍କୁ ଯୋଗାଯୋଗ କରନ୍ତୁ | ମାଗଣା | ବ୍ୟାଙ୍କ କାରବାର ସମୟରେ ସ୍ୱଟ ପେମେଣ୍ଟ. ବ୍ୟାଙ୍କ କାରବାର ସମୟ ବିଷୟରେ ବ୍ୟାଙ୍କିଂ ହଲ୍‌ରେ ପ୍ରଦର୍ଶନ କରାଯାଇଛି କିମ୍ବା ସେ ବିଷୟରେ ଅନୁସନ୍ଧାନ କାଉଣ୍ଟରରୁ ଜାଣି ହେବ । |

| | | | | |
|---|---|---|---|---|
| II. | ଟିଏଲ୍ଆର କଭର ଜରିଆରେ ବଦଳାଇବା<br>ପାଇଁ ଦିଆଯାଇଥିବା ନୋଟ୍‌ଗୁଡ଼ିକ<br>(ଅଧିକ  ସଂଖ୍ୟାରେ) | ଅଧିକ ସୂଚନା ପାଇଁ ସମ୍ପୃକ୍ତ କାଉଣ୍ଟର କିମ୍ବା ଅନୁସନ୍ଧାନ କାଉଣ୍ଟରରେ ଟିଏଲ୍ଆର କଭର ବିଷୟରେ ପଚାରନ୍ତୁ।<br>ଟିଏଲ୍ଆର କଭରରେ ଆବଶ୍ୟକ ସୂଚନା ପୂରଣ କରନ୍ତୁ।<br>ଯେଉଁଠାରେ ଟଙ୍କା ପାଇବାକୁ ଚାହୁଁଛନ୍ତି ଟିଏଲ୍ଆର କଭରରେ ସେହି ବ୍ୟାଙ୍କ ଶାଖା ଆକାଉଣ୍ଟ ନମ୍ବର ବିବରଣୀ ପ୍ରଦାନ କରନ୍ତୁ।<br>ବିନିମୟ ମୂଲ୍ୟ ସାଧାରଣତଃ ଏହି ଉପାୟରେ ପ୍ରଦାନ କରାଯାଇଥାଏ।<br>ଇସିଏସ୍ କ୍ରେଡିଟ୍ : ଇସିଏସ୍ ଜରିଆରେ ଆବେଦନକାରୀଙ୍କ ବ୍ୟାଙ୍କ ଖାତାରେ ଅର୍ଥ କ୍ରେଡିଟ୍ ହୋଇଯାଏ, ଯେଉଁଠାରେ ଇସିଏସ୍ ବିବରଣୀ ଆରବିଆଇରେ ଦାଖଲ କରାଯାଇଥିବ।<br>ପେମେଣ୍ଟ ଅର୍ଡର : ଯଦି ଆବେଦନକାରୀ ଜଣେ ସ୍ଥାନୀୟ ବାସିନ୍ଦା ଓ ଇସିଏସ୍ ବିବରଣୀ ଉପଲବ୍ଧ ନ ଥିବ।<br>ଡିମାଣ୍ଡ ଡ୍ରାଫ୍ଟ : ଯଦି ଆବେଦନକାରୀ ଜଣେ ବାହାରର ବାସିନ୍ଦା।<br>ମନି ଅର୍ଡର : ଯଦି ଆବେଦନକାରୀ ଜଣେ ବାହାରର ବାସିନ୍ଦା ଓ ତାଙ୍କର ବ୍ୟାଙ୍କ ଖାତା ନାହିଁ।<br>5. ଖରାପ /ଫଟା ନୋଟ୍‌ଗୁଡ଼ିକ ବନ୍ଦ ଲଫାପାରେ ସାଧାରଣ ବ୍ୟବସାୟ ସମୟ ଶେଷ ହେବାର 1 ଘଣ୍ଟା ପରେ ତ୍ରିସ୍ତରୀୟ ମୁଦ ଲଫାପାରେ ଗ୍ରହଣ କରାଯିବ।<br>କୌଣସି ସମସ୍ୟା ହେଲେ ଅନୁସନ୍ଧାନ କାଉଣ୍ଟରେ ଯୋଗାଯୋଗ କରନ୍ତୁ କିମ୍ବା ବ୍ୟାଙ୍କିଂ ହଲ୍‌ରେ ନାମ ପ୍ରଦର୍ଶନ ହୋଇଥିବା ନୋଡାଲ ଅଧିକାରୀଙ୍କୁ ଭେଟନ୍ତୁ | ଇସିଏସ୍<br>ମାଗଣା।<br><br>ମନି ଅର୍ଡର (ଏମ୍‌ଓ) ଟ. 1000/- ପର୍ଯ୍ୟନ୍ତ କୌଣସି ଚାର୍ଜ ନାହିଁ।<br><br>ଡାକ ଘରରେ ଟ. 1000/- ଅଧିକ ଅର୍ଥରାଶି ପାଇଁ ଚାର୍ଜ କରାଯାଉଥିବା ପ୍ରକୃତ କମିସନ।<br><br>ଡିମାଣ୍ଡ ଡ୍ରାଫ୍ଟ (ଡିଡି) ପ୍ରଦାନ କରାଯାଉଥିବା ଅର୍ଥ ଉପରେ ପ୍ରଯୁଜ୍ୟ ପ୍ରକୃତ ବିନିମୟ ମୂଲ୍ୟ<br><br>ପେମେଣ୍ଟ ଅର୍ଡର (ପିଓ)<br>ମାଗଣା | ଇସିଏସ୍<br>ଖରାପ ନୋଟ୍ ଗ୍ରହଣ କରାଯିବାର 4ଟି କାର୍ଯ୍ୟ ଦିବସ ମଧ୍ୟରେ ବିନିମୟ ମୂଲ୍ୟ ଆବେଦନକାରୀଙ୍କ ଖାତାରେ ପହଞ୍ଚିବା ଦରକାର।<br>ଏମ୍‌ଓ/ଡିଡି/ପିଓ<br>ଏମ୍‌ଓ/ଡିଡି/ପିଓ ଖରାପ ନୋଟ୍ ଗ୍ରହଣ କରାଯିବାର 4ଟି କାର୍ଯ୍ୟ ଦିବସ ମଧ୍ୟରେ ବିନିମୟ ମୂଲ୍ୟ ଆବେଦନକାରୀଙ୍କ ନିକଟରେ ପହଞ୍ଚିବା |

| | | | | |
|---|---|---|---|---|
| III. | ବୀମା ପାର୍ସଲ ଜରିଆରେ ଖରାପ ନୋଟ୍ ବଦଳ (ଅତି ଅଧିକ ସଂଖ୍ୟା ପାଇଁ) | ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବ୍‌ସାଇଟ୍ କିମ୍ବା ଅନୁସନ୍ଧାନ କାଉଣ୍ଟରରୁ ସମ୍ପୃକ୍ତ ଇସ୍ୟୁ ଅଧିକାରୀଙ୍କ ଠିକଣା ହାସଲ କରି ଖରାପ ନୋଟ୍‌ଗୁଡ଼ିକୁ ବୀମା କିମ୍ବା ରେଜିଷ୍ଟର ପାର୍ସଲରେ ପ୍ରବନ୍ଧକ/ଉପପ୍ରବନ୍ଧକଙ୍କ ନିକଟକୁ ପଠାନ୍ତୁ।<br>ପତ୍ରରେ ପଠାଇଥିବା ନୋଟ୍, ନାମ, ଠିକଣା ଓ ବ୍ୟାଙ୍କ ଖାତାର ବିବରଣୀ ପ୍ରଦାନ କରନ୍ତୁ।<br>ଇସିଏସ୍ ଜରିଆରେ ବିନିମୟ ମୂଲ୍ୟ ବ୍ୟାଙ୍କ ଖାତାରେ ପହଞ୍ଚିବ।<br>ବିନିମୟ ମୂଲ୍ୟ ପେମେଣ୍ଟ ଅର୍ଡର/ ଡିମାଣ୍ଡ ଡ୍ରାଫ୍ଟ/ମନି ଅର୍ଡର ଜରିଆରେ ପ୍ରଦାନ କରାଯାଇପାରିବ।<br>କୌଣସି ଅସୁବିଧା ହେଲେ ଆପଣ ସମ୍ପୃକ୍ତ ଇସ୍ୟୁ ଅଧିକାରୀଙ୍କୁ ଟେଲିଫୋନ୍‌ରେ କିମ୍ବା ଇମେଲ୍‌ରେ ଯୋଗାଯୋଗ କରିପାରିବେ, ଯାହାର ବିବରଣୀ ଭାରତୀୟ ରିଜର୍ଭ ବ୍ୟାଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ। | କ୍ରମାଙ୍କ ନମ୍ବର 2 ସହ ସମାନ। | ଇସିଏସ୍<br>ଖରାପ ନୋଟ୍ ଗ୍ରହଣ କରାଯିବାର 15ଟି କାର୍ଯ୍ୟ ଦିବସ ମଧ୍ୟରେ ବିନିମୟ ମୂଲ୍ୟ ଆବେଦନକାରୀଙ୍କ ଖାତାରେ ପହଞ୍ଚିବା ଦରକାର।<br>ଏମ୍‌ଓ/ଡିଡି/ପିଓ<br>ଏମ୍‌ଓ/ଡିଡି/ପିଓ<br>ଖରାପ ନୋଟ୍ ଗ୍ରହଣ କରାଯିବାର 15ଟି କାର୍ଯ୍ୟ ଦିବସ ମଧ୍ୟରେ ବିନିମୟ ମୂଲ୍ୟ ଆବେଦନକାରୀଙ୍କ ନିକଟରେ ପହଞ୍ଚିବା |
| IV. | ଖରାପ ନୋଟ୍‌ର ସ୍ୱତନ୍ତ୍ର ପ୍ରକ୍ରିୟାରେ ବିନିମୟ ( ଯେଉଁ ନୋଟ୍‌ଗୁଡ଼ିକ ଅତି ଖରାପ ହୋଇଛି, ପୋଡ଼ି ଅତ୍ୟଧିକ ନଷ୍ଟ ହୋଇଛି, ଅସ୍ପଷ୍ଟ, ଏଭଳି ଭାବେ ଲାଖି ରହିଛି ଯାହାକୁ ଅଲଗା କରିହେବ ନାହିଁ ତେଣୁ ତାହାକୁ ଆଗକୁ ବ୍ୟବହାର କରିହେବ ନାହିଁ କିମ୍ବା ଯେଉଁଗୁଡ଼ିକ ସମୟ ଗଡ଼ିବା ସହ ନିଜର ପରିଚୟ ହରାଇଛନ୍ତି) | ଅନୁସନ୍ଧାନ କାଉଣ୍ଟରରେ ଯୋଗାଯୋଗ କରନ୍ତୁ କିମ୍ବା ଏଜିଏମ୍/ ପ୍ରବନ୍ଧକ (ଆବେଦନ ବିଭାଗ) ପ୍ରଚଳିତ ଫର୍ମରେ ଆବେଦନପତ୍ର ଦାଖଲ କରନ୍ତୁ।<br>ଆବେଦନରେ ଖରାପ୍ ନୋଟଗୁଡ଼ିକୁ ଦିଅନ୍ତୁ ନାହିଁ।<br>ଆବେଦନ ବିଭାଗ ପକ୍ଷରୁ ପଠାଯାଇଥିବା ଯୋଗାଯୋଗରେ ଉଲ୍ଲେଖ ଥିବା ତାରିଖରେ ନୋଟ୍‌ଗୁଡ଼ିକୁ ପଠାଇବା ପାଇଁ ଅପେକ୍ଷା କରନ୍ତୁ।<br>ନିର୍ଦ୍ଧାରିତ ତାରିଖରେ ଖରାପ ନୋଟ୍‌ଗୁଡ଼ିକୁ ଆଣି ଆବେଦନ ବିଭାଗରେ ଦାଖଲ କରନ୍ତୁ। | କ୍ରମାଙ୍କ ନମ୍ବର 2 ସହ ସମାନ। | କ୍ରମାଙ୍କ ନମ୍ବର 2 ସହ ସମାନ। |

| | | | | |
|---|---|---|---|---|
| | | ଆବେଦନକାରୀ ଚାହିଁଲେ ତାଙ୍କ ଖରାପ ନୋଟ୍‌ଗୁଡ଼ିକୁ କଣ କରାଯାଉଛି ତାହା ଦେଖିପାରିବେ ।<br>ଖରାପ ନୋଟ୍‌ଗୁଡ଼ିକୁ ଯୋଡନ୍ତୁ ନାହିଁ, ତାହାକୁ ନିଜର ପ୍ରକୃତ ସ୍ଥିତିରେ ରଖି ନେଇ ଆସନ୍ତୁ । | | |
| V | କଏନ୍ ଭେଣ୍ଡିଂ ମେସିନ୍ ଜରିଆରେ ନୋଟ୍ ବଦଳାଇବା | କଏନ ଭେଣ୍ଡିଂ ମେସିନ୍‌ରେ ପ୍ରଦର୍ଶନ କରାଯାଇଥିବା ପ୍ରକ୍ରିୟାକୁ ଅନୁସରଣ କରନ୍ତୁ । କୌଣସି ଅସୁବିଧା ହେଲେ ଅନୁସନ୍ଧାନ କାଉଣ୍ଟର କିମ୍ବା ନୋଡାଲ ଅଫିସରଙ୍କୁ ଯୋଗାଯୋଗ କରନ୍ତୁ । | ମାଗଣା | ବ୍ୟାଙ୍କ କାରବାର ସମୟରେ ମେସିନ୍ ଦ୍ୱାରା ସ୍ୱଟ୍ ପେମେଣ୍ଟ |

***5. ଗ୍ରାହକ ସଂକ୍ରାନ୍ତ ମାମଲାର ବୁଝାବୁଝି କରୁଥିବା ନୋଡାଲ ଅଧିକାରୀଙ୍କ ନାମ ଭାରତୀୟ ରିଜର୍ଭ ବ୍ୟାଙ୍କର ସମ୍ପୃକ୍ତ କାର୍ଯ୍ୟାଳୟରେ ଉପଲବ୍ଧ ।***

**6. ଅଭିଯୋଗ ଶୁଣାଣି**

ଯଦି ଆପଣ କାଉଣ୍ଟରରେ ମିଳୁଥିବା ସେବା ନେଇ ସନ୍ତୁଷ୍ଟ ନୁହଁନ୍ତି କିମ୍ବା ବ୍ୟାଙ୍କ ପ୍ରଦାନ କରୁଥିବା ସେବାରେ ଉନ୍ନତି ଆଣିବା ପାଇଁ କୌଣସି ଅଭିଯୋଗ/ ପ୍ରସ୍ତାବ ରହିଛି, ତେବେ ଏହି ଉପାୟରେ ଆପଣ ଆମକୁ ନିଜର ଅଭିଯୋଗ / ପ୍ରସ୍ତାବ ପଠାଇପାରିବେ ।

(i) ବ୍ୟାଙ୍କିଂ ହଲ୍‌ରେ ଥିବା ଟ୍ରାନ୍ସପାରେଣ୍ଟ ଡ୍ରପ୍ ବକ୍ସରେ ଅଭିଯୋଗ / ପ୍ରସ୍ତାବ ପକାନ୍ତୁ

(ii) ଅନୁସନ୍ଧାନ କାଉଣ୍ଟରରେ ଥିବା ଅଭିଯୋଗ / ପ୍ରସ୍ତାବ ରେଜିଷ୍ଟରରେ ନିଜର ଅଭିଯୋଗ / ପ୍ରସ୍ତାବ ଲେଖନ୍ତୁ

(iii) ଡାକ / କୋରିୟର ଜରିଆରେ ନିଜର ଅଭିଯୋଗ / ପ୍ରସ୍ତାବ ମହାପ୍ରବନ୍ଧକ / ଉପମହାପ୍ରବନ୍ଧକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଇସ୍ୟୁ ବିଭାଗକୁ ପଠାଇପାରିବେ ।

(iv) ଇ-ମେଲ୍ helpdcm@rbi.org.in ଜରିଆରେ ଅଭିଯୋଗ / ପ୍ରସ୍ତାବ ପଠାନ୍ତୁ

(v) ନିଜେ ବ୍ୟକ୍ତିଗତ ଭାବେ ଆପଣ ଇସ୍ୟୁ ବିଭାଗ ଅଧିକାରୀଙ୍କୁ ସାକ୍ଷାତ କରିପାରିବେ କିମ୍ବା ନିଜ ଅଭିଯୋଗର ଶୁଣାଣି ପାଇଁ ଫୋନ୍ କରିପାରିବେ ।

| କ୍ର.ନଂ | ଅଧିକାରୀଙ୍କ ନାମ | ପଦବି | ଠିକଣା | ଟେଲିଫୋନ ନମ୍ବର | ଇମେଲ୍ ଠିକଣା |
|---|---|---|---|---|---|
| 1. | | ମହାପ୍ରବନ୍ଧକ | | | |
| 2. | | ଉପମହାପ୍ରବନ୍ଧକ | | | |
| 3. | | ସହକାରୀ ମହାପ୍ରବନ୍ଧକ | | | |
| 4. | | କୋଷାଧ୍ୟକ୍ଷ | | | |

(vi) **ଆପଣଙ୍କ ପତ୍ର ମିଳିବାର ଏକ ମାସ ମଧ୍ୟରେ ଆପଣ ପଠାଇଥିବା ଅଭିଯୋଗ / ପ୍ରସ୍ତାବକୁ ତୁରନ୍ତ ଗ୍ରହଣ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ**

7. **ସେବାର ସାଧାରଣ ସର୍ତ୍ତ**

(I) ଭାରତୀୟ ରିଜର୍ଭ ବ୍ୟାଙ୍କ (ନୋଟ ବଦଳ) ନିୟମ ଅନୁସାରେ ଫଟା ଓ ଚିରା ନୋଟ୍‌କୁ ବ୍ୟାଙ୍କ ଅନୁଗ୍ରହ କରି ଗ୍ରହଣ କରିଥାଏ । ଯେତେବେଳେ ଚିରା/ଫଟା ନୋଟ୍ ଦେୟ ଯୋଗ୍ୟ ହୋଇ ରହେ ନାହିଁ ସେତେବେଳେ ତାହାକୁ ଖାରଜ କରିଦିଆଯାଏ ଓ ଟେଣ୍ଡରରଙ୍କୁ ଖାରଜ ବିଷୟରେ ଜଣାଇ ଦିଆଯାଏ । ପ୍ରତ୍ୟାଖ୍ୟାନ ହୋଇଥିବା ନୋଟ୍‌କୁ ବ୍ୟାଙ୍କ ନିଜ ପାଖରେ ରଖନ୍ତି ଓ ଚାରି ମାସ ପରେ ତାହାକୁ ନଷ୍ଟ କରି ଦିଅନ୍ତି । ଏହି ଚାରି ମାସ ଅବଧିରେ ଟେଣ୍ଡରର ପ୍ରତ୍ୟାଖ୍ୟାନ ପୁନର୍ବିଚାର ପାଇଁ ଇସ୍ୟୁ କାର୍ଯ୍ୟାଳୟରେ ଆବେଦନ କରିପାରିବେ ।

(ii) ନକଲି ନୋଟ୍/କଏନକୁ ଅବରୋଧ କରି ରଖାଯାଏ ଓ ସେଥିପାଇଁ କୌଣସି ମୂଲ୍ୟ ପ୍ରଦାନ କରାଯାଏ ନାହିଁ । ଟେଣ୍ଡରରଙ୍କୁ ପରାମର୍ଶ ଦେବା ପରେ ବ୍ୟାଙ୍କ ସେହି ନୋଟ୍/କଏନକୁ ରଖି ନିଅନ୍ତି ।

(iii) ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ବ୍ୟାଙ୍କ ନୋଟ୍‌ର ସୁରକ୍ଷା ବୈଶିଷ୍ଟ୍ୟ ସଂକ୍ରାନ୍ତ ତଥ୍ୟ ବ୍ୟାଙ୍କର ୱେବ୍‌ସାଇଟ୍ http://www.rbi.org.in/currency/banknotes.html ରେ ରହିଛି ।

(iv) ଗ୍ରାହକଙ୍କ ବ୍ୟକ୍ତିଗତ / ବ୍ୟବସାୟ ଆବଶ୍ୟକତା ଅନୁସାରେ ନୋଟ୍ ଓ କଏନର ଦାବି ହେବା ଦରକାର ।

**୪) ବାଣିଜ୍ୟିକ ବ୍ୟାଙ୍କର କାଉଣ୍ଟରେ ଚିରା ଓ ଫଟା ନୋଟ୍ ବିନିମୟ କରିବା**

(I) ରିଜର୍ଭ ବ୍ୟାଙ୍କର କାର୍ଯ୍ୟାଳୟ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ରହିଛି । ସେଥିପାଇଁ ବ୍ୟାଙ୍କ ପକ୍ଷରୁ ସିଡ୍ୟୁଲ୍‌ଡ ବାଣିଜ୍ୟିକ ବ୍ୟାଙ୍କ ଶାଖାଗୁଡ଼ିକରେ ଚିରା ଫଟା ନୋଟ୍ ବଦଳାଇବା, ନୋଟ୍ ବଦଳରେ କଏନ ଓ କଏନ ବଦଳରେ ନୋଟ୍ ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି । ଖରାପ ନୋଟ୍‌ଗୁଡ଼ିକୁ ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଘରୋଇ ବ୍ୟାଙ୍କ ଶାଖାରେ ବଦଳାଇବାର ବ୍ୟବସ୍ଥା ରହିଥିବା ବେଳେ ଚିରା ଓ ଫଟା ନୋଟ୍‌ଗୁଡ଼ିକ କେବଳ ବାଣିଜ୍ୟିକ ବ୍ୟାଙ୍କର କେତେକ ନିର୍ଦ୍ଦିଷ୍ଟ ଶାଖାରେ ବଦଳାଇ ଦିଆଯାଇଥାଏ । ଖରାପ ନୋଟ୍ ବଦଳାଇବା ସୁବିଧା ଉପଲବ୍ଧ ହେଉଛି ବୋଲି ବ୍ୟାଙ୍କ ଶାଖା ପକ୍ଷରୁ ସୂଚନା ଫଳକ ଲଗାଯାଇଥାଏ । ଯଦି କୌଣସି ଶାଖା ପକ୍ଷରୁ ଖରାପ ନୋଟ୍ ବଦଳାଇବାକୁ ମନା କରିଦିଆଯାଏ, ତେବେ ପୀଡିତ ବ୍ୟକ୍ତି ଏ ସଂକ୍ରାନ୍ତରେ ସମ୍ପୃକ୍ତ ବ୍ୟାଙ୍କର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ ତଥା ସିଇଓଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ । ଯଦି ମାମଲା ଶୁଣାଣି ନ ହେବ ତେବେ ଗ୍ରାହକ ଜଣକ ଏ ସଂକ୍ରାନ୍ତରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ଶାଖାକୁ ଜଣାଇପାରିବେ ।

(ii) ଅନ୍ୟ ବ୍ୟାଙ୍କ ଶାଖା ଯଥା ସମବାୟ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ସେମାନଙ୍କ ସୁବିଧା ଅନୁସାରେ ନୋଟ୍ ଓ କଏନ ବଦଳାଇପାରିବେ । ସେମାନଙ୍କ ପାଖରେ କିନ୍ତୁ ଖରାପ ନୋଟ୍ ବଦଳାଇବାର କ୍ଷମତା ନାହିଁ ।

୨) **ପ୍ରସ୍ତାବ / ମତାମତ**

ନାଗରିକ ଅଧିକାର ସମ୍ପର୍କରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କୁ କିଛି ପ୍ରସ୍ତାବ / ମତାମତ ଦେବାର ଅଛି ତେବେ ସେ ମୁଖ୍ୟ ମହାପ୍ରବନ୍ଧକ, ମୁଦ୍ରା ପରିଚାଳନା ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ, କେନ୍ଦ୍ରୀୟ କାର୍ଯ୍ୟାଳୟ, ଅମର ବିଲ୍ଡିଂ, ଚତୁର୍ଥ ମହଲା, ସାର ପିଏମ୍‌ରୋଡ, ଫୋର୍ଟ, ମୁମ୍ବାଇ-400 001କୁ ଜଣାଇପାରିବେ ।

**ANNEX**

## ଆରବିଆଇ ଇସ୍ୟୁ କାର୍ଯ୍ୟାଳୟ ଏବଂ ସେମାନଙ୍କ ଅଧିକାର ପରିସରଭୁକ୍ତ ଠିକଣା

| ଅଙ୍କ ଓସ୍ଥ. | ଆରବିଆଇ କାର୍ଯ୍ୟାଳୟର ନାମ ଓ ଠିକଣା | ଅଧିକାର ପରିସରଭୁକ୍ତ |
|---|---|---|
| 1. | ମହାପ୍ରବନ୍ଧକ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇସ୍ୟୁ ବିଭାଗ<br>ଦ୍ୱିତୀୟ ମହଲା, ଗାନ୍ଧୀ ବ୍ରିଜ୍ ନିକଟ<br>ଅହମ୍ମଦାବାଦ 380 014 | ଗୁଜରାଟ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶର ଦାଦ୍ରା ଏବଂ ନଗର ହାଭେଲି ଏବଂ ଡାମନ୍ ଓ ଦିଉ |
| 2. | ମହାପ୍ରବନ୍ଧକ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇସ୍ୟୁ ବିଭାଗ<br>10/3/8, ନୃପଥୁଙ୍ଗା ରୋଡ,<br>ବାଙ୍ଗାଲୋର– 560 001 | କର୍ଣାଟକ ରାଜ୍ୟ |
| 3. | ଉପମହାପ୍ରବନ୍ଧକ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇସ୍ୟୁ ବିଭାଗ<br>ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ପୋଷ୍ଟ ବକ୍ସ ନଂ–16<br>ଭୁବନେଶ୍ୱର – 751 001 | ଓଡ଼ିଶା ରାଜ୍ୟ |
| 4. | ମହାପ୍ରବନ୍ଧକ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇସ୍ୟୁ ବିଭାଗ<br>ମୁଖ୍ୟ ବିଲ୍ଡିଂ, ସହିଦ ଭଗତ ସିଂହ ମାର୍ଗ,<br>ଫୋର୍ଟ, ମୁମ୍ବାଇ– 400 001 | ଗ୍ରେଟର ମୁମ୍ବାଇ ଯଥା ମୁମ୍ବାଇ ଉପଦ୍ୱୀପ ଓ ଉପ ସହରାଞ୍ଚଳ ଜିଲ୍ଲା (ସାଧାରଣ ଭାବେ ପଶ୍ଚିମାଞ୍ଚଳର ଦକ୍ଷିଣର ଏକ ରେଖା ଦହିସର ଓ ମୁଲୁଣ୍ଡ ଓ କେନ୍ଦ୍ରୀୟ ରେଳପଥକୁ ଯଥାକ୍ରମେ ସଂଯୋଗ କରୁଅଛି । |
| 5. | ଉପମହାପ୍ରବନ୍ଧକ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇସ୍ୟୁ ବିଭାଗ<br>ହୋସଙ୍ଗାବାଦ ରୋଡ଼, ପୋଷ୍ଟବକ୍ସ ନଂ–32<br>ଭୋପାଳ – 462 011 | ମଧ୍ୟ ପ୍ରଦେଶ ରାଜ୍ୟ |
| 6. | ଉପମହାପ୍ରବନ୍ଧକ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇସ୍ୟୁ ବିଭାଗ<br>ପ୍ଲଟ ନଂ–3, ସେକ୍ଟର–10<br>ଏଚ୍ଏଚ୍. ନିର୍ମଳା ଦେବୀ ମାର୍ଗ<br>ସିବିଡି, ବେଲାପୁର ନଭି ମୁମ୍ବାଇ– 400 614 | ଅହମଦାନଗର, କୋହ୍ଲାପୁର, ନାସିକ୍, ପୁନେ, ରାଇଗଡ଼, ରତ୍ନଗିରି, ସାଙ୍ଗିଲି, ସତରା, ସିନ୍ଧୁଦୁର୍ଗ, ସୋଲାପୁର ଜିଲ୍ଲା ଏବଂ ମହାରାଷ୍ଟ୍ର ରାଜ୍ୟର ଥାନେ ଓ ଗୋଆ ରାଜ୍ୟ |
| 7. | ଉପମହାପ୍ରବନ୍ଧକ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇସ୍ୟୁ ବିଭାଗ<br>ସେଣ୍ଟ୍ରାଲ ଭିଷ୍ଟା, ଟେଲିଫୋନ୍ ଭବନ ବିପରୀତ<br>ସେକ୍ଟର 17, ଚଣ୍ଡିଗଡ଼–160017 | ହରିୟାନା, ହିମାଚଳପ୍ରଦେଶ, ପଞ୍ଜାବ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶର ଚଣ୍ଡିଗଡ଼ |
| 8. | ମହାପ୍ରବନ୍ଧକ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇସ୍ୟୁ ବିଭାଗ<br>ଫୋର୍ଟ ଗ୍ଲାସିକ୍ସ ନଂ–16, ରାଜାଜି ସଲାଇ,<br>ପୋଷ୍ଟ ବକ୍ସ ନଂ–40<br>ଚେନ୍ନାଇ– 600 001 | ତାମିଲନାଡୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶର ପଣ୍ଡିଚେରୀ |

| ଅନୁ. ଓସ୍ଥ. | ଆରବିଆଇ କାର୍ଯ୍ୟାଳୟର ନାମ ଓ ଠିକଣା | ଅଧିକାର ପରିସରଭୁକ୍ତ |
|---|---|---|
| 9. | ମହାପ୍ରବନ୍ଧକ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇସ୍ୟୁ ବିଭାଗ<br>ଷ୍ଟେସନ ରୋଡ଼, ପାନବଜାର<br>ପୋଷ୍ଟ ବକ୍ସ ନଂ–120, ଗୁଆହାଟୀ–781 001 | ଆସାମ, ଅରୁଣାଚଳ ପ୍ରଦେଶ,<br>ମଣିପୁର, ମେଘାଳୟ, ମିଜୋରାମ,<br>ନାଗାଲାଣ୍ଡ ଓ ତ୍ରିପୁରା ରାଜ୍ୟ |
| 10. | ମହାପ୍ରବନ୍ଧକ<br>ଇସ୍ୟୁ ବିଭାଗ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ<br>6–1–65, ସେକ୍ରେଟାରିଏଟ୍ ରୋଡ଼, ସଇଫାବାଦ<br>ହାଇଦ୍ରାବାଦ– 500 004 | ଆନ୍ଧ୍ର ପ୍ରଦେଶ ରାଜ୍ୟ |
| 11. | ଉପମହାପ୍ରବନ୍ଧକ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇସ୍ୟୁ ବିଭାଗ<br>ରେଲ ହେଡ କଂପ୍ଲେକ୍ସ,<br>ଜାମୁ– 180 012 | ଜାମୁ ଓ କଶ୍ମୀର ରାଜ୍ୟ |
| 12. | ମହାପ୍ରବନ୍ଧକ<br>ଇସ୍ୟୁ ବିଭାଗ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ,<br>ରାମବାଗ ସର୍କଲ, ଟଙ୍କ ରୋଡ, ପୋଷ୍ଟ ବକ୍ସ ନଂ–12<br>ଜୟପୁର–302004 | ରାଜସ୍ଥାନ ରାଜ୍ୟ |
| 13. | ମହାପ୍ରବନ୍ଧକ<br>ଇସ୍ୟୁ ବିଭାଗ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ,<br>ଏମ୍.ଜି. ମାର୍ଗ, ପୋଷ୍ଟ ବକ୍ସ ନଂ–82/142<br>କାନପୁର–208001 | ଉତ୍ତରପ୍ରଦେଶ ଓ ଉତ୍ତରାଞ୍ଚଳ ରାଜ୍ୟ |
| 14. | ମହାପ୍ରବନ୍ଧକ<br>ଇସ୍ୟୁ ବିଭାଗ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ,<br>ପୋଷ୍ଟ ବ୍ୟାଗ୍ ନଂ–49<br>କୋଲକାତା–700001 | ସିକିମ, ପଶ୍ଚିମବଙ୍ଗ ରାଜ୍ୟ ଏବଂ<br>କେନ୍ଦ୍ରଶାସିତ ପ୍ରଦେଶର ଆଣ୍ଡାମାନ<br>ଓ ନିକୋବର ଉପଦ୍ୱୀପ |
| 15. | ମହାପ୍ରବନ୍ଧକ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇସ୍ୟୁ ବିଭାଗ<br>ମେନ ଅଫିସ ବିଲ୍ଡିଂ,<br>ଡ. ରାଘବେନ୍ଦ୍ର ରାଓ ରୋଡ଼, ପୋଷ୍ଟ ବକ୍ସ ନଂ–15<br>ସିଭିଲ ଲାଇନ୍ସ, ନାଗପୁର–440001 | ଛତିଶଗଡ଼ ରାଜ୍ୟ ଏବଂ ମହାରାଷ୍ଟ୍ର<br>ରାଜ୍ୟର ଆକୋଲା, ଅମରାବତୀ,<br>ଔରଙ୍ଗାବାଦ, ବିଡ, ଭଣ୍ଡାରା,<br>ବୁଲଧନା, ଚନ୍ଦ୍ରପୁର, ଧୁଲେ,<br>ଗଡ଼ଚିରୋଲି, ହିଙ୍ଗୋଲି, ଜଲଗାଓଁ,<br>ଜଲନା, ଲାଟୁର, ନାଗପୁର, ନାନଦେଦ୍,<br>ଓସମନାବାଦ, ପ୍ରଭାନୀ, ୱାର୍ଦା,<br>ୟବତମାଲ ଜିଲ୍ଲା |

| ଅନୁ. ଓସ୍ପଥ. | ଆରବିଆଇ କାର୍ଯ୍ୟାଳୟର ନାମ ଓ ଠିକଣା | ଅଧିକାର ପରିସରଭୁକ୍ତ |
|---|---|---|
| 16. | ମହାପ୍ରବନ୍ଧକ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇସ୍ୟୁ ବିଭାଗ<br>6, ସଂସଦ ମାର୍ଗ,<br>ନୂଆଦିଲ୍ଲୀ–110001 | ଦିଲ୍ଲୀ ରାଜ୍ୟ |
| 17. | ଉପମହାପ୍ରବନ୍ଧକ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇସ୍ୟୁ ବିଭାଗ<br>ସାଉଥ୍ ଗାନ୍ଧୀ ମଇଦାନ,<br>ପୋଷ୍ଟ ବକ୍ସ ନଂ–162<br>ପାଟନା–800001 | ବିହାର ଓ ଝାଡ଼ଖଣ୍ଡ ରାଜ୍ୟ |
| 18. | ଉପମହାପ୍ରବନ୍ଧକ<br>ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇସ୍ୟୁ ବିଭାଗ<br>ବେକରୀ ଜଙ୍କସନ୍,<br>ପୋଷ୍ଟ ବକ୍ସ ନଂ–6507<br>ଥିରୁଅନନ୍ତପୁରମ୍–695033 | କେରଳ ରାଜ୍ୟ<br>ଓ ଲାକ୍ଷ୍ୟାଦ୍ୱୀପର କେନ୍ଦ୍ରଶାସିତ ପ୍ରଦେଶ |